# Mahabharat

## Daiwik now in Shirdi

**Date: 27/04/2015 | Edition: Bhubaneshwar | Page: 6 | Source: Bureau | Clip size (cm): W: 22 H: 19**

**Clip: 1 of 1**


# ଡାଇଓ୍ୱିକ୍ ବର୍ତ୍ତମାନ ଶିରିଡ଼ିରେ

## ଡାଇଓ୍ୱିକ୍ ହୋଟେଲ୍ ଏହାର ଦ୍ୱିତୀୟ ସ୍ୱତବ ହୋଟେଲ୍‌କୁ ନେଇ ତୀର୍ଥଯାତ୍ରୀମାନଙ୍କ ସେବା କ୍ଷେତ୍ରରେ ତାର କାର୍ଯ୍ୟକ୍ରମର ବିସ୍ତାର କରିଛି

■ ଶିରିଡ଼ିଠାରେ ଏହି ହୋଟେଲ ୧ ଜାନୁଆରୀ ୨୦୧୫ଠାରୁ କାର୍ଯ୍ୟ ଆରମ୍ଭ କରିଛି, ଆର୍ଥିକ ବର୍ଷ ୨୦୧୬ ସୁଦ୍ଧା ୫୦ ପ୍ରତିଶତ ଅକୁପାନ୍‌ସି ଲକ୍ଷ୍ୟ ରଖାଯାଇଛି।



ଭୁବନେଶ୍ୱର– ଡାଇଓ୍ୱିକ୍ ହୋଟେଲ୍ ପ୍ରାଇଭେଟ୍ ଲିମିଟେଡ୍ ବିଶେଷତଃ ତୀର୍ଥଯାତ୍ରୀମାନଙ୍କ ପାଇଁ ସେବା ଯୋଗାଇ ଦେବା ଲକ୍ଷ୍ୟରେ ରାମେଶ୍ୱରମ୍, ତାମିଲ୍‌ନାଡୁ ପରେ ଶିରିଡ଼ିଠାରେ ଆଉ ଏକ ହୋଟେଲ୍‌ର ଶୁଭାରମ୍ଭ କରିଛି। ଆନ୍ତର୍ଜାତିକମାନର ହୋଟେଲ୍ ଭିତିଭୂମି ଏବଂ ସେବା ସହିତ ସିରିଡିଠାରେ ଡାଇଓ୍ୱିକ୍ ହୋଟେଲ୍ ତୀର୍ଥଯାତ୍ରୀମାନଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବା ଲକ୍ଷ୍ୟ ରଖିଛି। ତୀର୍ଥଯାତ୍ରୀମାନଙ୍କ ସେବା ସହାୟତା ପୂରଣ ପାଇଁ ଡାଇଓ୍ୱିକ୍ ହୋଟେଲ୍‌ର ସ୍ୱତବ ମାନ୍ୟତା ରହିଛି। ଉଭୟ ମଧ୍ୟବିତ୍ତ ତଥା ଉଚ୍ଚ ଶ୍ରେଣୀର ତୀର୍ଥଯାତ୍ରୀମାନଙ୍କର ଚାହିଦା ବୃଦ୍ଧିକୁ ଦୃଷ୍ଟି ଦେଇ ଉପଯୁକ୍ତ ଗୁଣମାନର ହୋଟେଲ୍‌ର ଆବଶ୍ୟକତା ରହିଛି। ତେଣୁ ଏହି ଉଦ୍ଦେଶ୍ୟରେ ଡାଇଓ୍ୱିକ୍ ହୋଟେଲ୍ ସିରିଡିଠାରେ ତାର ଏହି ସ୍ୱତବ ହୋଟେଲ୍‌ଟି ପରିସ୍ଥାପନା କରି ତୀର୍ଥଯାତ୍ରୀମାନଙ୍କର ଅଭିଳାଷକୁ ପୂରଣ କରିପାରିବ ବୋଲି ଆଶା ରଖିଛି। ଶିରିଡ଼ିଠାରେ ଅବସ୍ଥିତ ଏହି ହୋଟେଲ୍‌ରେ ରହିଛି ୫୬ ଗୋଟି ସୁସଜ୍ଜିତ କକ୍ଷ ଯେଉଁଥିରେ ୪ଟି ବର୍ଗର କକ୍ଷକୁ ଷ୍ଟାଣ୍ଡାର୍ଡ୍, ସୁପରିୟର, ଫ୍ୟାମିଲି ଡିଲକ୍ସ ଏବଂ ଜୁନିୟର ସୁଇଟ୍ କ୍ରମରେ ରଖାଯାଇଛି। ଏଠାରେ ମଧ୍ୟ ରହିଛି ବାଙ୍କୱେଟ୍ ହଲ୍, ଆକ୍‌ଟିଭିଟି ରୁମ୍, ସ୍ପା, କନ୍‌ଫରେନ୍‌ସ ରୁମ୍ ଏବଂ ବ୍ୟାବସାୟିକ କେନ୍ଦ୍ର ସୁବିଧା। ତୀର୍ଥଯାତ୍ରୀମାନଙ୍କ ପାଇଁ ସ୍ୱତବ ସହାୟତା ସୁବିଧା ଦ୍ୱାରା ସେମାନେ ମନ୍ଦିରର ନୀତି ନିର୍ଘଂଟ, ସମୟ ବିଷୟରେ ସୂଚନା ପାଇଥାନ୍ତି ଓ ଏହି ହୋଟେଲ୍ ସେମାନଙ୍କୁ ବିଶ୍ୱଶ୍ରେଣୀୟ ସେବା ସହାୟତା ଯୋଗାଇ ଦେଇଥାଏ। ଏହି ହୋଟେଲ୍‌ର ଅନ୍ୟତମ ଆକର୍ଷଣ ହେଉଛି ଆହାନ, ଯାହା ହେଉଛି ଏକ ମଲ୍‌ଟିକ୍ୟୁସିନ୍ ଭେଜିଟେରିଆନ୍ ରେଷ୍ଟୁରାଂଟ। ଏଠାରେ ଶୁଦ୍ଧ ନିରାମିଷ ଆହାର ପରିବେଷଣ କରାଯାଏ। ରୁମ୍ ଓ ପରିଦର୍ଶନ ଋତୁର ପ୍ରକାର ଉପରେ ନିର୍ଭର କରି ଏଠାକାର ସର୍ବନିମ୍ନ ମୂଲ୍ୟ ବ୍ରେକ୍‌ଫାଷ୍ଟକୁ ମିଶାଇ ଟ.୨୩୭୫/- ରୁ ଆରମ୍ଭ।

**ଡାଇଓ୍ୱିକ୍ ଶିରିଡ଼ିର ବୈଶିଷ୍ଟ୍ୟ**

■ ଏହି ହୋଟେଲ୍‌ର ଅନ୍ୟତମ ଆକର୍ଷଣ ହେଉଛି ଆହାନ, ଯାହା ହେଉଛି ଏକ ମଲ୍‌ଟିକ୍ୟୁସିନ୍ ଭେଜିଟେରିଆନ୍ ରେଷ୍ଟୁରାଣ୍ଟ। ଏଠାରେ ଶୁଦ୍ଧ ନିରାମିଷ ଆହାର ପରିବେଷଣ କରାଯାଏ।

■ ଡାଇଓ୍ୱିକ୍ ସିରିଡିର ଏକ ଅନ୍ୟତମ ଆକର୍ଷଣ ହେଉଛି 'ମାହା ଥାଳି' ଯାହା ବୃହତ୍ ମରାଠା ଥାଳି।

■ ପ୍ୟାକେଜ୍ ଉପଲବ୍ଧ:

୧. ଶିରିଡ଼ି ମନ୍ଦିର ପାଇଁ ଏକ ଦିବସ ପ୍ୟାକେଜ୍

୨. ଶିରିଡ଼ି, ନାସିକ୍, ଔରଙ୍ଗାବାଦ ପାଇଁ ପ୍ୟାକେଜ୍

■ ଏଠାରେ ଅତ୍ୟାଧୁନିକ ବ୍ୟବସ୍ଥା ଯଥା ସ୍ପା, ବୈଠକ ସୁବିଧା, ଆକ୍ଟିଭିଟି ରୁମ୍, ତୀର୍ଥଯାତ୍ରୀମାନଙ୍କ ପାଇଁ ସହାୟତା ଡେସ୍କ, ଟ୍ରାଭେଲ୍ ଡେସ୍କ, ପିଲାମାନଙ୍କ ପାଇଁ ଖେଳିବା ପାଇଁ ସ୍ଥାନ ଇତ୍ୟାଦି ରହିଛି।

ଏହି ହୋଟେଲ୍‌ର ସମ୍ବନ୍ଧରେ ସୂଚନା ପ୍ରଦାନ କରି ଡାଇଓ୍ୱିକ୍ ହୋଟେଲ୍ ପ୍ରା.ଲି.ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବାଶିଷ୍ ଘୋଷାଲ୍ କହିଛନ୍ତି ଯେ ମଧ୍ୟମ ବର୍ଗର ମାର୍କେଟ୍‌ରେ ଉପଯୁକ୍ତ ଗୁଣମାନର ଉତ୍ପାଦ ଯୋଗାଣ ମଧ୍ୟରେ ବ୍ୟବଧାନ ଓ ଚାହିଦାକୁ ଆଖି ଆଗରେ ରଖି ଆମେ ତୀର୍ଥଯାତ୍ରୀମାନଙ୍କ ପାଇଁ ସେବା ସହାୟତା କାର୍ଯ୍ୟକ୍ରମଟିକୁ ଏହି କାରଣରୁ ବାଛିଛୁ। ଶିରିଡ଼ିଠାରେ ଆମର ଏହି ହୋଟେଲ୍‌ଟି ସେହି ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ ବୋଲି ଆଶା କରୁଛୁ।'ଏହି ହୋଟେଲ୍‌ଟି ସାଇ ବାବା ମନ୍ଦିରଠାରୁ ୫ ମିନିଟ୍‌ର ରାସ୍ତା। ତୀର୍ଥଯାତ୍ରୀମାନଙ୍କ ପାଇଁ ଏଠାରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ରହିଛି। ଶିରିଡ଼ିର ମଧ୍ୟ ସ୍ଥଳରେ ଅବସ୍ଥିତ ଥିବାରୁ ଏହି ସ୍ଥାନରୁ ସବୁ ଜାଗାକୁ ଯିବା ଆସିବା ସହଜ ହୋଇଥାଏ। ହୋଟେଲ୍‌ରେ ଥିବା ଅନେକଗୁଡ଼ିଏ ବ୍ୟବସ୍ଥା ସାଙ୍ଗକୁ ଉପଯୋଗୀ ମୂଲ୍ୟ ତୀର୍ଥଯାତ୍ରୀମାନଙ୍କୁ ନିଶ୍ଚିତ ଭାବରେ ଆକୃଷ୍ଟ କରିବ।